୩୧/୩/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୧୨,୮୮୪/- ସୁନା:୦୦.୧୩୦ ଗ୍ରାମ୍ ରୁପା: ୧୨.୫୦୦ ଗ୍ରାମ୍



## ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ସୁରକ୍ଷା ଆଇନକୁ ବିରୋଧ

# ଅଧିକାର ଛଡ଼ାଇ ନେବ, ଅପମାନିତ କରିବ

ପୁରୀ,୩୧ା୩(ସମିସ): 'ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬' ଆଇନରେ ପରିଣତ ହୋଇଛି। ହେଲେ ଏଥିରେ ରହିଥିବା କିଛି ଧାରାକୁ ନେଇ ସ୍ୱର ଶାଣିତ କରିଛନ୍ତି ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ। ଏହି ଆଇନ ସେମାନଙ୍କ ମୂଳ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ସାମାଜିକ ସୁରକ୍ଷାକୁ ପ୍ରଭାବିତ କରିବ। ଏହାକୁ ବିରୋଧ କରି ମଙ୍ଗଳବାର ପୁରୀରେ ଦି ବେଲ୍ ପକ୍ଷରୁ ଆୟୋଜିତ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସକୁ ଟ୍ରାନ୍ସଜେଣ୍ଡରମାନେ କଳା ଦିବସ ଭାବେ ପାଳନ କରିଛନ୍ତି। ଏହି ଆଇନରେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ଦାବି କରିଥିଲେ। ଦି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଟ୍ରାନ୍ସଜେଣ୍ଡରମାନେ ଯେପରି ସ୍ୱାଭାବିକ ଜୀବନ ଅତିବାହିତ କରିପାରିବେ ସେଥିଲାଗି ସରକାରଙ୍କ ପକ୍ଷରୁ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଟ୍ରାନ୍ସଜେଣ୍ଡର ଟ୍ରାନ୍ସଜେଣ୍ଡର ସମୁଦାୟଙ୍କୁ ଆଇନଗତ ସ୍ୱୀକୃତି, ଭେଦଭାବ ବିରୋଧରେ ସୁରକ୍ଷା, ସାମାଜିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବାରେ ସମାନ ଅଧିକାର



ପ୍ରିୟା ତ୍ରିପାଠୀ ସ୍ୱାଗତ ଭାଷଣରେ ତାଙ୍କ ସମ୍ପ୍ରଦାୟ ପ୍ରତି ସମାଜର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ଆଇନକୁ ନେଇ ସେମାନେ କିଭଳି ମାନସିକ ନିର୍ଯାତନା ଭୋଗୁଛନ୍ତି କହିଥିଲେ।

ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ପାଇଁ କାମ କରୁଥିବା ଅନୁଷ୍ଠାନ 'ସାଥୀ'ର ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ଆଇନ ୨୦୧୯ କିପରି ଭାରତରେ ଦେଉଥିଲା ସେ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ବର୍ତ୍ତମାନର ଟ୍ରାନ୍ସଜେଣ୍ଡର ଅଧିକାର ସୁରକ୍ଷା ଆଇନ କିଭଳି ଏମାନଙ୍କ ପ୍ରଗତିରେ ବାଧକ ସାଜିବ ସେ ସମ୍ପର୍କରେ ପାୱାର ପ୍ରେଜେଣ୍ଟେସନ ମାଧ୍ୟମରେ ବୁଝାଇଥିଲେ। ପୂର୍ବରୁ ସୁପ୍ରିମକୋର୍ଟଙ୍କ 'ନାଲ୍‌ସା' ରାୟ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଲିଙ୍ଗ ଚୟନ କରିବାର ଅଧିକାର ଥିଲା। ହେଲେ ଏହି ଆଇନ ଏହାକୁ ଛଡ଼ାଇ ନେଇଛି। ପୂର୍ବରୁ ଜଣେ ବ୍ୟକ୍ତି କେବଳ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଆବେଦନ କରି ନିଜକୁ ଟ୍ରାନ୍ସଜେଣ୍ଡର ଭାବେ ପ୍ରମାଣପତ୍ର ପାଇପାରୁଥିଲେ। କିନ୍ତୁ ଏହି ସଂଶୋଧିତ ଆଇନ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଏକ ମେଡିକାଲ ବୋର୍ଡର ସୁପାରିସ୍ ପରେ ହିଁ ପ୍ରମାଣପତ୍ର ଜାରି କରିବେ। ଏହି ମେଡିକାଲ ବୋର୍ଡ ଶାରୀରିକ ପରୀକ୍ଷା କରିବେ। ଯାହା ସେମାନଙ୍କୁ ସର୍ବସାଧାରଣରେ ଅପମାନିତ କରିବ। ଏଭଳିକି ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ପରମ୍ପରା ବିରୋଧରେ ଏହି ଆଇନ ଆସୁଛି ବୋଲି ପୁରୀ ଜିଲ୍ଲା କିନ୍ନର ସଂଘର ସଭାନେତ୍ରୀ ପ୍ରିୟଂଶୀ ଦାସ ଅଭିଯୋଗ କରିବା ସହିତ ଏହି ଆଇନରେ ପରିବର୍ତ୍ତନ ଆଣିବା ପାଇଁ ଦାବି କରିଥିଲେ। ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଷ୍ଟେଟ୍ ରୁଲ୍ ଆଣିପାରିବେ। ଯଦି ସେମାନଙ୍କ ଦାବି ସରକାର ନ ଶୁଣନ୍ତି ତେବେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ପ୍ରିୟଂଶୀ। ଏହି ଅବସରରେ ଟ୍ରାନ୍ସ ମେନଙ୍କ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ, ସଭାପତି, ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟ ପାଇଁ କାମ କରୁଥିବା ଟ୍ରାନ୍ସ ଲିଡର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ଟ୍ରାନ୍ସଜେଣ୍ଡରଙ୍କ ଦୁଃଖ | ବାଟ ଛାଡୁନି ସମାଜ; ସମ୍ମାନର ସହ ବଞ୍ଚିବେ କିପରି?

ପୁରୀ, ୩୧ା୩ (ସମିସ): ସମାଜରେ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ଥିବା ମାନସିକତା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବଦଳି ନାହିଁ। ଯେଉଁଠି ନିଜ ପରିବାର ଲୋକ ଭିନ୍ନ ନଜରରେ ଦେଖିଥା'ନ୍ତି ସେଠି ସମାଜଠାରୁ ଅଧିକ ଆଶା କରିବା ବି ବୃଥା। ତଥାପି କିଛିକାଂଶରେ ପରିବର୍ତ୍ତନ ଆସିଛି। ହେଲେ ଏଥିପାଇଁ ଆହୁରି ଜନସଚେତନତାର ଆବଶ୍ୟକତା ରହିଛି। ଟ୍ରାନ୍ସଜେଣ୍ଡରମାନେ ମଧ୍ୟ ଅନ୍ୟମାନଙ୍କ ଭଳି ଜଣେ ଜଣେ ମଣିଷ। ସେମାନଙ୍କ ଶରୀର ବି ହାଡ଼, ମାଂସ, ରକ୍ତରେ ଗଢ଼ା। କିନ୍ତୁ ଯେଉଁ ଭିନ୍ନତା ତାଙ୍କଠାରେ ରହିଛି ସେଥିପାଇଁ ସେମାନେ ଦାୟୀ ନୁହନ୍ତି। କେହି କେବେ ଇଚ୍ଛା କରି ନ ଥାଏ ସମାଜ ତାଙ୍କୁ ଭିନ୍ନ ନଜରରେ ଦେଖୁ। ହେଲେ ଘରୁ ବାହାରକୁ ଗୋଡ଼ କାଢ଼ିବା ପରେ ସେମାନେ ବଞ୍ଚିବେ କିପରି? ରହିବେ କେଉଁଠି ଆଉ ଖାଇବେ କ'ଣ? ଏ କଥା କେହି କେବେ ଚିନ୍ତା କରିଛନ୍ତି ନା ସେମାନଙ୍କୁ ଟାହି ଟାପରା କରି ଆଉ ମାନସିକତା ନିର୍ଯାତନା ଦେଉଛନ୍ତି। ଏହି ପ୍ରଶ୍ନ ପଚାରିଛନ୍ତି ପୁରୀ ଜିଲ୍ଲା କିନ୍ନର ସଂଘର ସଭାନେତ୍ରୀ ପ୍ରିୟଂଶୀ ଦାସ। ମଙ୍ଗଳବାର ଏକ କର୍ମଶାଳାରେ ପ୍ରିୟଂଶୀ ତାଙ୍କ ସମ୍ପ୍ରଦାୟ କାହିଁକି ପେଟପାଟଣା ପାଇଁ କିଛି ବି କରିବାକୁ ବାଧ୍ୟ ହେଉଛନ୍ତି ବୋଲି କହିବା ସହ ଆତ୍ମନିର୍ଭର ଲାଗି ଉଦ୍ୟମ କଲେ ବି ସମାଜ ସେମାନଙ୍କୁ ବାଟ ଛାଡୁନାହିଁ ବୋଲି ଅଭିଯୋଗ ଆଣିଥିଲେ। ସେ ତାଙ୍କ ଶିଷ୍ୟା ପ୍ରିୟା ତ୍ରିପାଠୀଙ୍କ ଉଦାହରଣ ଦେଇଥିଲେ। ଆଉ ପ୍ରିୟା କହିଥିଲେ ତାଙ୍କ ସଂଘର୍ଷର କଥା।



ପୁରୀର ଟ୍ରାନ୍ସ ଓମେନ୍ ପ୍ରିୟା ତ୍ରିପାଠୀ। ପିଲାଦିନେ ତାଙ୍କ ନାଁ ଥିଲା ପିଣ୍ଟୁ। ଛୋଟବେଳୁ ତାଙ୍କ ଶରୀରରେ ଭିନ୍ନତା ଅନୁଭବ କରିଥିଲେ। ୯ ବର୍ଷ ବୟସରେ ଜଣେ ସମ୍ପର୍କୀୟ ଭାଇଙ୍କ ସହ ଏକ ସିଲେଇ କମ୍ପାନୀରେ କାମ କରିବା ପାଇଁ ମୁମ୍ବଇ ଚାଲିଯାଇଥିଲେ। କିନ୍ତୁ ପୁଅ ଭାବେ ନିଜକୁ ପରିଚୟ ଦେବାକୁ ତାଙ୍କୁ ଅସହଜ ଲାଗୁଥିଲା। ତେଣୁ କିଛିଦିନ ଟ୍ରେନ୍‌ରେ ଭିକ୍ଷାବୃତ୍ତି କରିଥିଲେ। ଦିନେ ଷ୍ଟେସନରେ ବସିଥିବାବେଳେ କିଛି ଟ୍ରାନ୍ସଜେଣ୍ଡରଙ୍କ ସହ ଦେଖାହୋଇଥିଲା। ସେମାନଙ୍କୁ ଦେଖି ସେ ଡରି ଯାଇଥିଲେ। ମୁଣ୍ଡରେ ବଡ଼ ବଡ଼ ବିନ୍ଦି ଲଗାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ (ଯାହାକୁ ଗୁରୁ ବୋଲି ମାନିଥିଲେ) ତାଙ୍କୁ ନେଇ ପାଖରେ ରଖିଥିଲେ। ୩/୪ ବର୍ଷ ତାଙ୍କ ପାଖରେ ରହିଥିଲେ। ଏହାପରେ ଜଣେ ସାଙ୍ଗଙ୍କ ସହିତ ମୁମ୍ବଇର ଏକ ବାର୍‌କୁ ଯାଇଥିଲେ। ସେଠାରେ ଡ୍ୟାନ୍ସ କରିବା ପାଇଁ ତାଙ୍କ ସହ ସର୍ତ୍ତ (ବାହାର ଲୋକ ଯେପରି ଜାଣିବେ ମହିଳା ବୋଲି) ରହିଥିଲା। ସେ ମଧ୍ୟ ସେହିଭଳି ରହି ଡ୍ୟାନ୍ସ କରୁଥିଲେ। ୨୦୧୩-୧୪ରେ ପ୍ରିୟଂଶୀ ମୁମ୍ବଇ ଯାଇଥିବାବେଳେ ତାଙ୍କୁ ପୁରୀ ଫେରାଇ ଆଣିଥିଲେ। ଏଠାରେ ପୁଣି ଅଷ୍ଟମ, ନବମ, ଯୁକ୍ତ ଦୁଇ ପଢ଼ିବା ପରେ କ୍ଲିନିକାଲି ଡିପ୍ଲୋମା ଇନ୍ କସ୍‌ମେଟୋଲୋଜିଷ୍ଟ କରିଥିଲେ। ୨୦୨୨ ଆରମ୍ଭରେ ଦୁବାଇ ଯାଇ ଏକ କସ୍‌ମେଟିକ୍ କ୍ଲିନିକ୍‌ରେ ସ୍କିନ୍ ଥେରାପିଷ୍ଟ ଭାବେ କାମ କଲେ। ସେଠାରେ ଦୁଇବର୍ଷ କାମ କରି ପୁଣି ପୁରୀ ଫେରିଲେ। ଏଠାରେ ଏକ କସ୍‌ମେଟିକ୍ କ୍ଲିନିକ୍ ଖୋଲି କିଛି ଟ୍ରାନ୍ସଜେଣ୍ଡରଙ୍କୁ ମଧ୍ୟ ନିଯୁକ୍ତି ଦେବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ଅବକାଶ ଲେନ୍‌ରେ ଘର ଦେଖି ଆଡ୍‌ଭାନ୍ସ ଦେଇ ଏଗ୍ରିମେଣ୍ଟ କରିଥିଲେ। ହେଲେ ଘର ମାଲିକ ଯେତେବେଳେ ଟ୍ରାନ୍ସଜେଣ୍ଡର ବୋଲି ଜାଣିଲେ ଘର ଦେବାକୁ ମନା କରିଦେଲେ ବୋଲି କହିଛନ୍ତି ପ୍ରିୟା। ଏହା କେବଳ ପ୍ରିୟାଙ୍କର ନୁହେଁ ଏମିତି ଅନେକ ଟ୍ରାନ୍ସଜେଣ୍ଡରଙ୍କ ମନ ଭିତରେ ଅସରନ୍ତି ଦୁଃଖ ରହିଛି।

## ଦୟଣା ଚୋରି କଲେ ମହାପ୍ରଭୁ

**ଆଜି ଦୟଣା ଲାଗି ନୀତି**



ପୁରୀ,୩୧ା୩(ସମିସ): ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ଦମନକ ଚୋରି ତଥା ଦୟଣା ଚୋରି ନୀତି ଅନୁଷ୍ଠିତ ହୋଇଛି। ଦୟଣା ଚୋରି କରିଛନ୍ତି ମହାପ୍ରଭୁ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ରାମ, କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଦୁଇଠାକୁରଙ୍କୁ ପ୍ରଦାନ କରିଥିଲେ। ଅଧିବାସ କନ୍ଦର୍ପ ପଟି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ମହାଜନ ସେବକ ବିଜେ କରାଇଥିଲେ। ଏହାପରେ ରାମ, କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନ ସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ଜଗନ୍ନାଥ ବଲ୍ଲଭ ଝୁଲଣ ଘର ଖଟଶେଯ ଉପରକୁ ପ୍ରଥମେ ରାମ କୃଷ୍ଣଙ୍କୁ ଓ ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସଂକଳ୍ପ ହୋମ ହୋଇ ଭୋଗ ବଢ଼ିଥିଲା। ମହାଜନ ସେବକ ରାମକୃଷ୍ଣଙ୍କୁ ହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ଉଦ୍ୟାନକୁ ବିଜେ କରାଇଥିଲେ। ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷରୋପଣ କରାଯାଇଥିଲା। ଭିତରୁ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ବାକି ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମକୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଠାକୁର ବାହୁଡ଼ା ବିଜେ ପରେ ଭୋଗମଣ୍ଡପ ଘରେ ଧୋ ପଖାଳ ହୋଇ ଚାନ୍ଦୁଆ ଟଣା ହୋଇଥିଲା। ଚାନ୍ଦୁଆ ତଳେ ବାଲି ବନ୍ଧ ଉପରେ ଦୟଣା, ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପାଲିଙ୍କିରୁ ମହାଜନ ଦୁଇଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ସେଠାରେ ମଇଲମ ହୋଇଥିଲା। ବଡ଼ସିଂହାର ଭୋଗ ଶେଷ ହେବା ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘର ଖଟଶେଜ ଉପରେ ବିଜେ ହୋଇଥିଲେ। ମହାଜନ ସେବକ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ଶ୍ରୀଜଗନ୍ନାଥବଲ୍ଲଭରୁ ଆସିଥିବା ୩ଟି ଗଛ ଦୟଣା ଲାଗି କରାଇଥିଲେ। ଏହାପରେ ଠାକୁରଙ୍କ ଆଗରେ ୩ଟି ଚାଙ୍ଗୁଡ଼ିରେ ତିନିଗୋଟା ଗଛ ରଖାଯାଇଥିଲା। ପୂଜାପଣ୍ଡା ମଣ୍ଡଳ ଉପରେ ତିନୋଟି ଚାଙ୍ଗୁଡ଼ିକୁ ରଖିଥିଲେ। ଶୀତଳଭୋଗ ମଣୋହୀ ପରେ ଭୋଗମଣ୍ଡପ ଘର ଦ୍ୱାର ବନ୍ଦ କରି ଜଉମୁଦ ଦିଆଯାଇଥିଲା। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢି ପହୁଡ଼ ହୋଇଥିଲା। ବୁଧବାର ଶ୍ରୀମନ୍ଦିରରେ ଦୟଣାଲାଗି ନୀତି ଅନୁଷ୍ଠିତ ହେବ।

## କଳାବଜାରୀ ରୋକିବାକୁ ଦାବିପତ୍ର

ପୁରୀ,୩୧ା୩(ସମିସ): ପୁରୀରେ ଉଚିତ୍ ସମୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ମିଳୁନି। ଅଥଚ ଅନେକ ବ୍ୟବସାୟୀ ଘରୋଇ ଗ୍ୟାସ୍ ସିଲିଣ୍ଡର କିପରି ପାଉଛନ୍ତି? ସେଭଳି ଖାଦ୍ୟ ଯୋଗାଣ ବିଭାଗର ନିୟମିତ ଚଢ଼ଉ ଅଭାବରେ ବଜାରରେ ତେଲଠାରୁ ପନିପରିବା ଦର ଆଶାତୀତ ଭାବେ ବୃଦ୍ଧି ପାଇଛି। ଜନସାଧାରଣଙ୍କ କଲ୍ୟାଣ ପାଇଁ ସରକାର ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ବଦ୍ରି ମିଶ୍ର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନ୍ୟାୟ ପାଇଁ ଜିଲ୍ଲାପାଳ, ଏସ୍‌ପିଙ୍କୁ ମହିଳାଙ୍କ ଗୁହାରି

ପୁରୀ,୩୧ା୩(ସମିସ): ମହିଳାଙ୍କୁ ଉଲଗ୍ନ କରି ନିସ୍ଠୁକ ମାଡ଼ ଅଭିଯୋଗ ପରେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ନ୍ୟାୟ ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା। ଚନ୍ଦନପୁର ଥାନା ଅନ୍ତର୍ଗତ ଓଲ ଗ୍ରାମରେ ଘଟିଛି ଏହି ଘଟଣା। ମହିଳା ଜଣକ ବାପ ଘରକୁ ଆସିଥିବାବେଳେ ସମ୍ପର୍କୀୟ ଦାଦା ସାମାନ୍ୟ ରୋଷେଇ ଧୂଆଁଙ୍କୁ କେନ୍ଦ୍ର କରି ଗତ ୧୮ ତାରିଖରେ ତାଙ୍କୁ ଉଲଗ୍ନ କରି ମାଡ଼ ମାରିବା ସହ ଅଶାଳୀନ ବ୍ୟବହାର କରିଥିଲେ। ଏ ସମ୍ପର୍କରେ ମହିଳା ଜଣକ ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କୌଣସି ପଦକ୍ଷେପ ନ ନେବାରୁ ସେ ଘରର ସମ୍ମାନ ପାଇଁ ଚୁପ୍ ରହିଥିଲେ। କିନ୍ତୁ ପୁନର୍ବାର ଗତ ୨୬ ତାରିଖରେ ଦାଦା ତାଙ୍କୁ ଦୁର୍ବ୍ୟବହାର କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଶେଷରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ମହିଳା।

## ତୋଟା ଗୋପୀନାଥ ପରିସରରେ ଭାଗବତ ପାଠ



ପୁରୀ,୩୧ା୩(ସମିସ): ଅପସଂସ୍କୃତି ଓ ଅରୁଚିକର ଭାବନାରେ ପଥଭ୍ରଷ୍ଟ ହେବାକୁ ଯାଉଥିବା ସମାଜକୁ ଭାଗବତ ହିଁ ସୁରକ୍ଷିତ ରଖିପାରେ ବୋଲି କହିଛନ୍ତି ଭାଗବତ ବ୍ୟାଖ୍ୟାକାର ବଦ୍ରି ମିଶ୍ର। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଷଷ୍ଠ ଶତାବ୍ଦୀରେ ନିର୍ମିତ ତୋଟା ଗୋପୀନାଥ ମନ୍ଦିର ପରିସରରେ ସୋମବାର ଆୟୋଜିତ "ମଠ-ମନ୍ଦିରରେ ଭାଗବତ' କାର୍ଯ୍ୟକ୍ରମରେ ଯୋଗଦେଲେ ଶ୍ରୀ ମିଶ୍ର କହିଥିଲେ ଯେ, ଯେଉଁଠି ଭକ୍ତ ଗଦାଧର ପଣ୍ଡିତଙ୍କ ଭାବରେ ଶ୍ରୀକୃଷ୍ଣ ଗୋପୀନାଥ ପଦ୍ମାସନରେ ବସିପଡ଼ନ୍ତି, ଯେଉଁ ଗୋପୀନାଥଙ୍କ ଦେହରେ ଶ୍ରୀଚୈତନ୍ୟ ମାଧୁର୍ଯ୍ୟ ଭାବରେ ଲୀନ ଯାଆନ୍ତି, ସେହି ଅମୃତ ଓ ପବିତ୍ର ପୀଠରେ ଭାଗବତ ପାଠ ଆମ ସମାଜକୁ ନିଶ୍ଚୟ ଦିଗ୍‌ଦର୍ଶନ ଦେବ।

ପୀଠର ମଠାଧୀଶ କୃଷ୍ଣଚନ୍ଦ୍ର ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପ୍ରବଚିକା ନିର୍ମଳା ଫତେସିଂହ ଗୋପଲୀଳା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ମିଶ୍ର ଓ ନିର୍ଦ୍ଦେଶକ ବିପିନ୍ ବାରିକ୍ ଶ୍ରୀକୃଷ୍ଣ ଚେତନା ଆଧାରିତ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନିରଞ୍ଜନ ମିଶ୍ର, ସୁନନ୍ଦା ପଟ୍ଟନାୟକ, ହେମନ୍ତ ଛୋଟରାୟ, କବିତା ରଥ, ଉଷାରାଣୀ ମହାନ୍ତି, ରାଜଶ୍ରୀ ମିଶ୍ର, ଏ. ମୀନାକୁମାରୀ, ସୁଲୋଚନା ମିଶ୍ର, ରମେଶ ପଣ୍ଡା, ଜିତୁ ମଙ୍ଗରାଜ ଓ ସନ୍ୟାସୀ ଅଜୟାନନ୍ଦ।

## ଗ୍ୟାସ୍ ସିଲିଣ୍ଡର ଫାଟି ୩ ଆହତ

ପୁରୀ,୩୧ା୩(ସମିସ): ୱେଲ୍‌ଡିଂ ପାଇଁ ବ୍ୟବହୃତ ଗ୍ୟାସ୍ ସିଲିଣ୍ଡର ଫାଟି ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ଭିତରୁ ଜଣେ ଗୁରୁତର ଅଛନ୍ତି। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହି ଗଳି ମୁଣ୍ଡରେ ଘଟିଛି ଏହି ଦୁର୍ଘଟଣା। ଆହତଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ହେଉଛନ୍ତି ଗୌଡ଼ବାଡ଼ ସାହିର ସୁଦାମ ମଣ୍ଡଳ। ଅନ୍ୟ ଆହତ ଦୁଇଜଣ ହେଲେ ଜାନକୀ ବଲ୍ଲଭ ବିଶୋଇ, ସାକ୍ଷୀଗୋପାଳ ଟିକିବିଲ ସାହିର ସୁଧୀର କୁମାର ସାହୁ। ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କ ଆପତ୍ତିଜନକ ଫଟୋ, ଭିଡିଓ ଭାଇରାଲ୍; ଯୁବ ସେବାୟତ ଗିରଫ

ପୁରୀ, ୩୧ା୩ (ସମିସ): ଯୁବତୀଙ୍କ ଆପତ୍ତିଜନକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବ ସେବାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି ଦୋଳମଣ୍ଡପ ସାହିର ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର। ଅଭିଯୋଗ ଅନୁଯାୟୀ, ଜଣେ ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ହେବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଖୋଳତାଡ଼ କରିବା ପରେ ସତ୍ୟତା ଥିବା ଜାଣିଥିଲା। କିନ୍ତୁ ସେବାୟତ ପରିବାରର ପୁଅ ହୋଇଥିବାରୁ ଏହାକୁ ଚାପିଦେବା ଲାଗି ଉଦ୍ୟମ ହୋଇଥିଲା। ମାତ୍ର ଅଭିଯୋଗକାରୀ ଯୁବତୀ ଆତ୍ମହତ୍ୟା କରିବାକୁ ଧମକ ଦେବା ପରେ ପୁଲିସ ହରଡ଼ଘଣାରେ ପଡ଼ିଯାଇଥିଲା। ସୋମବାର ଅଭିଯୁକ୍ତ ଶ୍ରଦ୍ଧାନନ୍ଦଙ୍କୁ ପୁଲିସ ଗିରଫ କରିଥିବାବେଳେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୁଲିସ ଅଭିଯୁକ୍ତଠାରୁ ଦୁଇଟି ମୋବାଇଲ ଫୋନ୍ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ଖଡ଼ିଛୁଆଁ ନିମନ୍ତ୍ରଣପତ୍ର ବାଣ୍ଟିଲେ ଜିଲ୍ଲାପାଳ

ପୁରୀ,୩୧ା୩(ସମିସ): ରାଜ୍ୟରେ ଏପ୍ରିଲ୍ ୪ ତାରିଖରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରମରେ ୫ ବର୍ଷର ସମସ୍ତ ଶିଶୁଙ୍କୁ ଶିଶୁ ବାଟିକା ଓ ୬ ବର୍ଷର ଶିଶୁମାନଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ଥାନୀୟ ଦରଜି ପୋଖରୀ ଛକଠାରେ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ପୁରୀ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅରଗୁଲା ସ୍ନେହା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରତ୍ନାକର ବେହେରା, ପୁଲିସ ହାଇସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ, ଡିପିସି କାର୍ଯ୍ୟାଳୟର ବରଦା ପ୍ରସନ୍ନ ରାଉତ ଓ ମମତା ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାର ପ୍ରଚାର ଓ ସମସ୍ତ ଶିଶୁଙ୍କୁ ପ୍ରାଥମିକ ଶିକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଉପସ୍ଥିତ ଅତିଥିମାନେ ଅଭିଭାବକମାନଙ୍କୁ ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଆହ୍ୱାନ କରିଥିଲେ ଏବଂ ଆଗାମୀ ପ୍ରବେଶ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆଶା କରାଯାଇଥିଲା।






## ୮ ବାଇକ ଜବତ; ୨ ଅଭିଯୁକ୍ତ ଗିରଫ

ପୁରୀ,୩୧ା୩(ସମିସ): ପୁରୀ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବାଇକ୍ ଚୋରି ଅଭିଯୋଗରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୮ଟି ବାଇକ୍ ଜବତ କରିଛି। ଏନେଇ ଅଭିଯୁକ୍ତ ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ହରିଜନ ବସ୍ତିର ସୁଜିତ୍ ଗୋଛାୟତ ଏବଂ ତା'ର ସହଯୋଗୀ ପେଣ୍ଠକଟା ଧୋବାଖାଲର ରମେଶ ବେହେରା। ପୁଲିସ ଏନେଇ କେସ୍ ନଂ ୫୧/୨୬ରେ ଏକ ମାମଲା ରୁଜୁ କରିଛି। ପୁଲିସର ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ର କଲୋନୀର ସଚ୍ଚିକାନ୍ତ ରାଉତ ଫେବୃଆରୀ ୧୪ରେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ତାଙ୍କର ବାଇକ୍ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରି ପ୍ରଥମେ ବାଇକ୍ ଚୋରି କରିଥିବା ସୁଜିତ୍‌କୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରିବା ପରେ ତା' ନିକଟରୁ ଅନ୍ୟ ୮ଟି ଚୋରି ବାଇକ୍ ଓ ସ୍କୁଟି ସହ ତାଙ୍କୁ ଏଥିରେ ସହଯୋଗ କରୁଥିବା ରମେଶକୁ ଗିରଫ କରିଥିଲା। ଅଭିଯୁକ୍ତମାନେ ପୁରୀ ଓ ଆଖପାଖ ଅଞ୍ଚଳ ସହ ନିକଟବର୍ତ୍ତୀ ଜିଲ୍ଲାରୁ ମଧ୍ୟ ବାଇକ୍ ଚୋରି କରୁଥିବା ଜଣାପଡ଼ିଛି। ତେବେ ପୂର୍ବରୁ ସୁଜିତ୍ ନାମରେ ବିଭିନ୍ନ ଥାନାରେ ୬ରୁ ଅଧିକ ମାମଲା ରହିଥିବାବେଳେ ରମେଶ ନାମରେ ୧୩ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।





